### ନାଇଜରର ୧୩ତମ ସ୍ନାତକ ଉତ୍ସବ

# ମାନବ ସମାଜର କଲ୍ୟାଣ ଲାଗି ବିଜ୍ଞାନ ଉତ୍ସର୍ଗୀକୃତ ହେଉ: ରାଷ୍ଟ୍ରପତି



ଜଟଣୀ, ୯।୭(ନି.ପ୍ର): ବିଜ୍ଞାନ ମାନବ ସମାଜର କଲ୍ୟାଣ ଲାଗି ଉତ୍ସର୍ଗୀକୃତ ହେଉ ବୋଲି ମଙ୍ଗଳବାର ପୂର୍ବାହ୍ନରେ ଜଟଣୀ ସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ନାଇଜର)ର ତ୍ରୟୋଦଶତମ ସ୍ନାତକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ସ୍ୱଳ୍ପ ଦିନର ପ୍ରତିଷ୍ଠାନ ନାଇଜର ଯେଭଳି ଭାବେ ସଫଳତା ଅର୍ଜନ କରିଛି ତାହା ପ୍ରଶଂସନୀୟ ବୋଲି ସେ ଏହି ଅବସରରେ କହିଥିଲେ। ନାଇଜରରେ ମେଡିକାଲ ସାଇକ୍ଲୋଟ୍ରନର ସ୍ଥାପନା ପୂର୍ବାଞ୍ଚଳବାସୀଙ୍କ ପାଇଁ ବରଦାନ ସ୍ୱରୂପ ବୋଲି ସେ ଅଭିହିତ କରିଥିଲେ। ରାଜ୍ୟପାଳ ରଘୁବର ଦାସ ସମ୍ମାନିତ ଅତିଥି ଭାବେ ଏଥିରେ ଯୋଗ ଦେଇଥିଲେ। ଆଜି ଭାରତ ଯେପରି ବିଜ୍ଞାନ ଓ ପ୍ରାଦ୍ୟୋଗିକ କ୍ଷେତ୍ରରେ ଅଗ୍ରଗତି କରିଛି ତାହା କେବଳ ଗବେଷଣାରତ ଭାରତୀୟ ବୈଜ୍ଞାନିକଙ୍କ ପାଇଁ ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ। ଏହି ସ୍ରୋତରେ ସାମିଲ ହେବା ପାଇଁ ସେ ଯୁବ ବୈଜ୍ଞାନିକଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନାଇଜରକୁ ରାଜ୍ୟ ସରକାର ସମସ୍ତ ସହାୟତା ପ୍ରଦାନ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସେ କହିଥିଲେ, ନୂତନ ଶିକ୍ଷା ନୀତିରେ ଧନ୍ଦାମୂଳକ ଏବଂ ଦକ୍ଷତା ବିକାଶ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଇଛି। ବର୍ତ୍ତମାନ ଛାତ୍ରମାନେ ବୈଷୟିକ ଶିକ୍ଷାର ବିଭିନ୍ନ ବିଭାଗରେ ଉତ୍କର୍ଷ ଲାଭ କରୁଛନ୍ତି; ଯାହାର ପୃଷ୍ଠଭୂମିରେ ନାଇଜର ରହିଛି ବୋଲି ସେ କହିଥିଲେ। 'ଭାରତ ସରକାରଙ୍କ ପରମାଣୁ ଉର୍ଜା ବିଭାଗର ସଚିବ ତଥା ନାଇଜରର ପରିଚାଳନା ନିର୍ଦ୍ଦେଶକ ପ୍ରଫେସର ଅଜିତ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ନାଇଜରର ନିର୍ଦ୍ଦେଶକ ପ୍ରଫେସର ହିରେନ୍ଦ୍ର ନାଥ ଘୋଷ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ନାଇଜରରେ ବିଭିନ୍ନ ବିଭାଗରେ ପାରଦର୍ଶିତା ଦେଖାଇଥିବା ୧୧ ଜଣ ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ପ୍ରଦାନ କରିଥିଲେ। ସବୁ ବିଭାଗରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ପ୍ରଣୟ ମହାନ୍ତିଙ୍କୁ ସର୍ବୋଚ୍ଚ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ନାଇଜରର କୁଳ ସଚିବ ଡ଼.ଅଭୟ କୁମାର ନାୟକ, ଡ଼.ପ୍ରଣୟ ସ୍ୱାଇଁ, ଡ଼.ଦେବସ୍ମିତା ଆଲୋନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

SCAN ME


**ARTICLE PUBLISHED IN: THE SAMAJA, BHUBANESWAR EDITION, 10.07.2024, PAGE NO. 3**

ସମାଜ

The Samaja

ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ